# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 05 November – 2025

*********************************

## ମୁଖ୍ୟ ସମ୍ବାଦ

- ଐତିହାସିକ ବାଲିଯାତ୍ରା କଟକ-୨୦୨୫କୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

— ପ୍ରଥମ ଥର ପାଇଁ ଇଣ୍ଡୋନେସିଆ ସହଭାଗିତାରେ ଆୟୋଜିତ ହେଉଛି ଏସିଆର ସର୍ବବୃହତ୍ ମୁକ୍ତାକାଶ ବାଣିଜ୍ୟମେଳା

- ପାରାଦ୍ୱୀପକୁ ଗ୍ରୀନ୍ ହାଇଡ୍ରୋଜେନର କେନ୍ଦ୍ରସ୍ଥଳୀ କରିବା ପାଇଁ ୪୦ ହଜାର କୋଟି ଟଙ୍କା ବିନିଯୋଗ ହେବ; କହିଲେ ମୁଖ୍ୟମନ୍ତ୍ରୀ

- ଉଦ୍ୟୋଗୀ ହୋଇ ଅନ୍ୟମାନଙ୍କ ପାଇଁ କର୍ମସଂସ୍ଥାନ ସୃଷ୍ଟି କରିବାକୁ ଜନଜାତି ଯୁବବିନିମୟ କାର୍ଯ୍ୟକ୍ରମରେ ଆହ୍ୱାନ ଦେଲେ ରାଜ୍ୟପାଳ

ଏବଂ

- କାର୍ତ୍ତିକପୂର୍ଣ୍ଣିମା ଅବସରରେ ଆଜି ଶେଷ ହେଲା ହବିଷ୍ୟାଳୀଙ୍କ ରାଇଦାମୋଦର ବ୍ରତ

# ବାଲିଯାତ୍ରା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଐତିହାସିକ ବାଲିଯାତ୍ରା କଟକ - ୨୦୨୫କୁ ଉଦ୍‌ଘାଟନ କରିଛନ୍ତି। ଏସିଆ ମହାଦେଶର ଏହି ସର୍ବବୃହତ୍ ମୁକ୍ତାକାଶ ବାଣିଜ୍ୟମେଳାରେ  ପ୍ରଥମଥର ପାଇଁ ଇଣ୍ଡୋନେସିଆ ସହଭାଗୀ ରାଷ୍ଟ୍ର ଭାବେ ଅଂଶଗ୍ରହଣ କରିଛି। ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ସୁଶ୍ରୀ ଇନା ଏଚ୍.କୃଷ୍ଣମୂର୍ତ୍ତି ସମ୍ମାନିତ ଅତିଥି ଭାବେ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଛନ୍ତି। ଚଳିତଥର ବାଲିଯାତ୍ରାରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଛି। ଏହାସହ ଇଣ୍ଡୋନେସିଆର  ଖାଦ୍ୟ, କଳା, ସଂସ୍କୃତି ସମ୍ବଳିତ ପ୍ରଦର୍ଶନୀ ମଣ୍ଡପ ସ୍ଥାନ ପାଇଛି।

୮ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ଦେଶ ବିଦେଶରୁ ଦର୍ଶକଙ୍କ ସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଚଳିତ ଥର ପ୍ରାୟ ୬୦ ଏକର ପରିମିତ ଜମିରେ ୧୬ ଶହ ୬୦ରୁ ଅଧିକ ଷ୍ଟଲ୍ ପଡିଛି। ପ୍ରତ୍ୟେକ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ଏବଂ ଅକ୍ଷୟ ମହାନ୍ତିଙ୍କ ମଞ୍ଚରେ ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।  ବିଭିନ୍ନ ଲୋକକଳା ଏବଂ ସଂସ୍କୃତିକୁ ନେଇ ଜିଲ୍ଲାରେ ସାଂସ୍କୃତିକ ଦଳ କାର୍ଯ୍ୟକ୍ରମ ପରିବେଷଣ କରିବେ।

ଆଜି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଭର୍ତ୍ତୃହରି ମହତାବଙ୍କ ସମେତ ବିଧାୟକ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

## ମୁଖ୍ୟମନ୍ତ୍ରୀ-ପାରାଦ୍ୱୀପ

ପାରାଦ୍ୱୀପ ବନ୍ଦର ସମଗ୍ର ଭାରତବର୍ଷର ନୌବାଣିଜ୍ୟ କ୍ଷେତ୍ରକୁ ଅର୍ଥନୈତିକ ସ୍ତରରେ ସଶକ୍ତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପାରାଦ୍ୱୀପ ବନ୍ଦରରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ପାରାଦ୍ୱୀପରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ମଧ୍ୟ ଗୁରୁତ୍ୱ ଦିଆଯିବ। ଏଠାରେ ୮୦ ହଜାର କୋଟି ଟଙ୍କା ନିବେଶରେ ନାଫା, କ୍ରାକର ପ୍ରକଳ୍ପ ହେବ। ଏହା ସହ ପାରାଦ୍ୱୀପକୁ ଗ୍ରୀନ୍ ହାଇଡ୍ରୋଜେନ୍‌ର କେନ୍ଦ୍ରସ୍ଥଳି ଭାବେ ବିକଶିତ କରାଯିବ। ଏଥିପାଇଁ ୪୦ ହଜାର କୋଟି ଟଙ୍କା ବିନିଯୋଗ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୀ ମାଝୀ କହିଛନ୍ତି, ପାରାଦ୍ୱୀପଠାରେ ବିଶ୍ୱସ୍ତରୀୟ ସଂଗ୍ରହାଳୟ ପ୍ରତିଷ୍ଠା ହେବା ସହ ପାରାଦ୍ୱୀପ ସମୁଦ୍ରକୁ ବ୍ଲୁ-ଫ୍ଲାଗ୍ ବିଚ୍ ଭାବେ ମାନ୍ୟତା ପାଇଁ ପ୍ରୟାସ କରାଯିବ।

**- V/O -(CM)**

## ରାଜ୍ୟପାଳ

ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଶିକ୍ଷା ହିଁ ବଳିଷ୍ଠ ମାଧ୍ୟମ ବୋଲି ରାଜ୍ୟପାଳ ଡକ୍ଟର ହରବାବୁ କମ୍ଭମପାଟି କହିଛନ୍ତି। ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଆଜି ୧୭ତମ ଜନଜାତି ଯୁବ ବିନିମୟ କାର୍ଯ୍ୟକ୍ରମରେ ଯୁବପ୍ରତିନିଧିଙ୍କ ସହ ଭାବବିନିମୟ କରି ରାଜ୍ୟପାଳ କହିଛନ୍ତି, ସରକାର ଜନଜାତିଙ୍କ ବିକାଶ ପାଇଁ ଅନେକଗୁଡ଼ିଏ ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଉଦ୍ୟୋଗୀ ହୋଇ ଅନ୍ୟମାନଙ୍କ ପାଇଁ କର୍ମସଂସ୍ଥାନ ସୃଷ୍ଟି କରିବା

ନିମନ୍ତେ ଯୁବପ୍ରତିନିଧିମାନଙ୍କୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ସମ୍ପର୍କରେ ଆଲୋଚନା କରି ଏହି ଯୋଜନା ଅଧୀନରେ ଜନସାଧାରଣ ପାଉଥିବା ଲାଭ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଜନଜାତିଙ୍କ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁବିଧ ଯୋଜନା ପ୍ରଣୟନ କରିଥିବା ରାଜ୍ୟପାଳ କହିଛନ୍ତି । 'ମେରା ଯୁବା ଭାରତ', କେନ୍ଦ୍ର ସରକାରଙ୍କ କ୍ରୀଡା ଓ ଯୁବବ୍ୟାପାର ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡଖଣ୍ଡ ଓ ମହାରାଷ୍ଟ୍ରର ୨୦୦ ପ୍ରତିନିଧି ସାମିଲ ହୋଇଥିଲେ ।

## ଡିଜିଟାଲ ଜୀବନ ପ୍ରମାଣପତ୍ର

ଦେଶର ୨୫ ଲକ୍ଷ ପେନ୍‌ସନ୍‌ଭୋଗୀ ଡିଜିଟାଲ ଜୀବନ ପ୍ରମାଣପତ୍ର ପାଇଁ ମୁଖଚିହ୍ନଟ ପ୍ରକ୍ରିୟା ଆପଣାଇଛନ୍ତି ବୋଲି କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଡିଜିଟାଲ ଜୀବନ ପ୍ରମାଣପତ୍ର ଅଭିଯାନର ଚତୁର୍ଥ ପର୍ଯ୍ୟାୟକୁ ଶୁଭାରମ୍ଭ କରି ମନ୍ତ୍ରୀ ଡକ୍ଟର ସିଂ ଏହା କହିଛନ୍ତି । ମଙ୍ଗୋଲିଆ ଏବଂ ମାଳଦ୍ୱୀପ ସମେତ ବହୁ ରାଷ୍ଟ୍ର ଭାରତର ଏହି ଅଭିଯାନକୁ ଉଚ୍ଚ ପ୍ରଶଂସା କରିଛନ୍ତି । ଚଳିତ ମାସ ଶେଷ ପର୍ଯ୍ୟନ୍ତ ଏହି ଅଭିଯାନ ଦେଶବ୍ୟାପୀ ଜାରି ରହିବ ବୋଲି ଡକ୍ଟର ସିଂହ କହିଛନ୍ତି । ଅଭିଯାନ ନେଇ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଏକ ପୁସ୍ତିକା ଏବଂ କ୍ଷୁଦ୍ର ଚଳଚ୍ଚିତ୍ରକୁ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି ।

## ଶ୍ରୀଜୀଉଙ୍କ ସୁନାବେଶ

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ରତ୍ନ ସିଂହାସନ ଉପରେ ରାଜରାଜେଶ୍ୱର ବେଶ ବା ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି । ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ, ପୁଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## କାର୍ତ୍ତିକବ୍ରତ-ପୁରୀ

**ପୁରୀ** ଶ୍ରୀକ୍ଷେତ୍ରରେ ହବିଷ୍ୟାଳିଙ୍କର ଏକମାସର କାର୍ତ୍ତିକବ୍ରତ ବା ରାଇଦାମୋଦର ବ୍ରତ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ହବିଷ୍ୟାଳିମାନେ ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚି ସାହି କଲ୍ୟାଣ ମଣ୍ଡପ, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଓ ରେଲୱେ କଲ୍ୟାଣ ମଣ୍ଡପଠାରେ ଏକମାସ ଧରି ଅବସ୍ଥାନ କରିଆସୁଥିଲେ ।

ଚଳିତ ୨,୫୦୦ ରୁ ଊର୍ଦ୍ଧ୍ୱ ହବିଷ୍ୟାଳି ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ କାର୍ତ୍ତିକ ବ୍ରତ କରିଥିଲେ ।

## କାର୍ତ୍ତିକପୂର୍ଣ୍ଣିମା

ପ୍ରାଚୀନ ଉତ୍କଳୀୟ  ସମୃଦ୍ଧ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରି ଆଜି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରାଜ୍ୟବ୍ୟାପୀ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଇଛି ।

**ନୟାଗଡ଼** ଜିଲ୍ଲା ରଣପୁର ବ୍ଲକ୍ ରାଜସୁନାଖଳାସ୍ଥିତ କୋଟଗଡ଼ ନିକଟରେ ବୋଇତବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

**ଭଦ୍ରକ** ଜିଲ୍ଲା ଧାମରା ବୋଇତ ବନ୍ଦାଣ ଓ ଚାନ୍ଦବାଲି ଆମ ପରମ୍ପରା ବୋଇତ ବନ୍ଦାଣ ଉତ୍ସବର ରୌପ୍ୟ ଜୟନ୍ତୀ ସମାରୋହ ଆଜି ଅନୁଷ୍ଠିତ ହୋଇଯାଇଛି। ଧାମରାଠାରେ ସାଂସଦ ଅଭିମନ୍ୟୁ ସେଠୀ ଓ ପ୍ରଦୀପ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

କାର୍ତ୍ତିକପୂର୍ଣ୍ଣିମା ଅବସରରେ **ଗଜପତି** ଜିଲ୍ଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ମହେନ୍ଦ୍ରତନୟା ନଦୀରେ ଆଜି ଅନେକ ଶ୍ରଦ୍ଧାଳୁ ଡଙ୍ଗା ଭସାଇଛନ୍ତି।

**ଦେବଗଡ଼** ଜିଲ୍ଲା ପୌରାଞ୍ଚଳ ଗୋହିରିବନ୍ଧରେ ଲୋକମାନେ ଡଙ୍ଗା ଭସାଇ ଶୈବପୀଠରେ ପୂଜାର୍ଚ୍ଚନା କରିଥିଲେ।

**କେନ୍ଦ୍ରାପଡା** ଜିଲ୍ଲା ତିନିମୁହାଣୀ ଚଟିପୋଲ ସନ୍ନିକଟ ଗୁଲନଗର ଗୋବରୀ ପଠାରେ ଆଜି ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ଗୁରୁପର୍ବ

ଶିଖ ଧର୍ମର ପ୍ରତିଷ୍ଠାତା ଶ୍ରୀ ଗୁରୁ ନାନକ ଦେବ ଜୀଙ୍କ ୫୫୬ତମ ପ୍ରକାଶ ପର୍ବ ଆଜି ପାଳନ କରାଯାଉଛି। ୧୪୬୯ ମସିହା କାର୍ତ୍ତିକ ମାସ ପୂର୍ଣ୍ଣମୀ ଦିନ ଶ୍ରୀ ନାନକ ଦେବ ଜୀ' ଲାହୋରର ରାଇ ଭୋଇ କି ତାଲଓ୍ୱଣ୍ଡିରେ ଜନ୍ମ ଗ୍ରହଣ କରିଥିଲେ। ବର୍ତ୍ତମାନ ଏହା ଲାହୋରର ନାନକାନା ସାହେବ ଭାବେ ପରିଚିତ।

**ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ଗୁରୁ ନାନକଙ୍କ ପ୍ରକାଶପର୍ବରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଛନ୍ତି, ଗୁରୁନାନକଙ୍କ ଆଦର୍ଶ ଓ ମୂଲ୍ୟବୋଧ

ସମସ୍ତଙ୍କୁ ପ୍ରେରଣା ଯୋଗାଇବା ସହ ନୂତନ ମାର୍ଗଦର୍ଶନ ଦେଉଛି। **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ କହିଛନ୍ତି, ଗୁରୁନାନକଙ୍କ ଜୀବନ ଓ ବାଣୀ ସର୍ବଦା ମାନବ ଜାତିକୁ ଅମରଜ୍ଞାନରେ ପଥ ପ୍ରଦର୍ଶନ କରୁଛି। କରୁଣା, ସମାନତା, ନମ୍ରତା ଓ ସେବା ସମ୍ବନ୍ଧୀୟ ତାଙ୍କ ଉପଦେଶ ଅତ୍ୟନ୍ତ ପ୍ରେରଣାଦାୟକ ବୋଲି ଶ୍ରୀ ମୋଦୀ କହିଛନ୍ତି। **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ, ଏହି ଅବସରରେ ମହାନ୍ ସନ୍ଥ ଶିଖ୍ ସମ୍ପ୍ରଦାୟର ପ୍ରଥମ ଗୁରୁ ନାନକଦେବଜୀ ମହାରାଜଙ୍କ ଚରଣରେ ପ୍ରଣାମ ଜଣାଇଛନ୍ତି। **କେନ୍ଦ୍ର ଶିକ୍ଷାମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶପର୍ବର ଶୁଭେଚ୍ଛା ଜଣାଇ କହିଛନ୍ତି, ଗୁରୁନାନକ ସର୍ବଦା ଉପଦେଶମାନଙ୍କ ମଧ୍ୟରେ ମାନବତା, ସମାନତା, ସତ୍ୟ ଓ କରୁଣାର ମାର୍ଗ ପ୍ରଶସ୍ତ କରିଥିଲେ।

## ଧାନ ଏମ୍‌ଏସ୍‌ପି

ଚଳିତ ଖରିଫ୍‌ଋତୁରେ ଧାନ କୁଇଣ୍ଟାଲ ପିଛା ଚାଷୀଙ୍କୁ ୬୯ ଟଙ୍କା ଅଧିକ ସର୍ବନିମ୍ନ ସହାୟତା ରାଶି ପ୍ରଦାନ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କୁଇଣ୍ଟାଲ ପିଛା ୩ ହଜାର ୧୦୦ ବଦଳରେ ୩ ହଜାର ୧୬୯ ଟଙ୍କା ଚାଷୀଙ୍କୁ ଦିଆଯିବ। ଗ୍ରେଡ୍-ଏ ଧାନ କୁଇଣ୍ଟାଲ ପିଛା ୩ ହଜାର ୧୮୯ ଟଙ୍କା ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କେନ୍ଦ୍ର ସରକାର କୁଇଣ୍ଟାଲ ପିଛା ବର୍ଦ୍ଧିତ ଏମ୍‌ଏସପି ୨ ହଜାର ୩୬୯ ଟଙ୍କା ସ୍ଥିର କରିଥିବାବେଳେ ରାଜ୍ୟ ସରକାର କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରିଛନ୍ତି।

## ଜନଜାତି ପକ୍ଷ

ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ନଭେମ୍ବର ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ଜନଜାତି ଗୌରବ ଦିବସ ପକ୍ଷ

ପାଳନ କରାଯାଉଛି । ଏହି ଉପଲକ୍ଷେ ନବରଙ୍ଗପୁର ଜିଲ୍ଲାର ହ୍ୱିର୍ଲିଠାରେ ଥିବା ଏକଲବ୍ୟ ଆବାସିକ ବିଦ୍ୟାଳୟଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଜନଜାତିଙ୍କ ଜୀବନଶୈଳୀକୁ ନେଇ ସ୍ୱତନ୍ତ୍ର ଜନଜାତି ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବାବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରି ସଉରା, ମୁରିଆ, ଓ୍ୱାର୍ଲି ଓ ଗୋଣ୍ଡି ଆଦି ଚିତ୍ର ଅଙ୍କନ କରିଛନ୍ତି ।

## ସାକ୍ଷରତା ଶିବିର

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ଉପଖଣ୍ଡ ଅନ୍ତର୍ଗତ ସ୍ଥାନୀୟ ରାଜସ୍ୱ ଡାକବଙ୍ଗଳା ସମ୍ମିଳନୀ କକ୍ଷରେ ସଂଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ବରିଷ୍ଠ ନାଗରିକ ଓ ପେନସନ୍‌ଭୋଗୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି । ଅକ୍ଟୋବର ୩୧ ରୁ ନଭେମ୍ବର ୧୪ ପର୍ଯ୍ୟନ୍ତ ସଂଚୟ ପକ୍ଷ ପାଳନ କରାଯାଉଛି । କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱଳ୍ପ ସଂଚୟ ଯୋଜନା, ସୁରକ୍ଷିତ ସଂଚୟ, ସାଇବର ସଚେତନତା ଓ ବୀମା ସଂକ୍ରାନ୍ତରେ ଆଲୋଚନା କରାଯାଇଛି ।

## କୁଷ୍ଠରୋଗ ଚିହ୍ନଟ ଅଭିଯାନ

**ନବରଙ୍ଗପୁର** ସ୍ଥିତ ଅଶୋକ ମେହେଟା ସମ୍ମିଳନୀଗୃହରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ୨୦୨୫-୨୬ରେ କୁଷ୍ଠରୋଗୀ ଚିହ୍ନଟ ଅଭିଯାନ ନିମନ୍ତେ ଜିଲ୍ଲା ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ ସମିତି ନବରଙ୍ଗପୁର ଓ ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଅନୁଯାୟୀ ଏହି

ଅଭିଯାନ ଆସନ୍ତା ୧୭ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ୧୦ଟି କାର୍ଯ୍ୟଦିବସରେ ରାଇଘର ବ୍ୟତୀତ ୯ଟି ବ୍ଲକ୍‌ରେ ଅନୁଷ୍ଠିତ ହେବ।